**SET – C**

***Total No. of printed pages : 15*** **Roll No.** [ ]

**602 R**

**Regular**

**M.I.L. (O)**

**(Science)**

**(For students registered in 2021)**

## 2023 (A)

## SCIENCE

## MODERN INDIAN LANGUAGE

## (ODIA)

*Full Marks - 100*

*Time : 3 Hours*

*Answer **all** questions.*

*ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।*

*The figures in the right-hand margin indicate marks.*

*ଡାହାଣ ପାଖ ମାର୍ଜିନରେ ଥିବା ସଂଖ୍ୟା ପ୍ରଶ୍ନର ମୂଲ୍ୟ ସୂଚିତ କରେ ।*

*Candidates are required to give their answers in their own words as far as practicable.*

*ଯଥାସମ୍ଭବ ନିଜ ଭାଷାରେ ଉତ୍ତର ଲେଖିବା ଆବଶ୍ୟକ ।*

**P.T.O.**

https://www.odishaboard.com

୧। ପ୍ରତ୍ୟେକ ପ୍ରଶ୍ନର ଚାରୋଟି ଉତ୍ତର ଦିଆଯାଇଛି । ସେଥିମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : ୧×୪=୪

(କ) ଭାରତରେ ଉନ୍ନୟନ କାର୍ଯ୍ୟ ଅନେକ ପଛରେ ପଡ଼ିଯାଇଛି । କାରଣ –

(i) ରାଜନେତାମାନେ ଦୁର୍ନୀତିଗ୍ରସ୍ତ

(ii) ଲୋକମାନେ ଅଶିକ୍ଷିତ

(iii) ଏଠାରେ ଗଣତନ୍ତ୍ର ଶାସନ ଚାଲିଛି

(iv) ସରକାରୀ କର୍ମଚାରୀମାନଙ୍କର ଆନ୍ତରିକତା ନାହିଁ

(ଖ) କାହାକୁ ଦୃଷ୍ଟାନ୍ତର ଆକର ବୋଲି କୁହାଯାଇଛି ?

(i) ଆତ୍ମଜୀବନୀ (ii) ଇତିହାସ

(iii) ମହାପୁରୁଷ (iv) ଈଶ୍ୱର

(ଗ) କ'ଣ ଅଭାବ ଥିବାଯାଏ ଗଣତନ୍ତ୍ରର ସଫଳତା ଆଶା କରିବା ବିଡ଼ମ୍ବନା ମାତ୍ର ?

(i) ଦୁଇବେଳା ଦୁଇମୁଠା ଖାଇବା

(ii) ଦେଶପ୍ରେମ

(iii) ଗଣଶିକ୍ଷା ଓ ଗଣଚେତନା

(iv) ବିବେକ ବିଚାର

(ଘ) ଖଣ୍ଡିତ ଉତ୍କଳ ମୋହନିଦ୍ରାଗ୍ରସ୍ତ ଥିଲାବେଳେ କିଏ ଥିଲେ ଦକ୍ଷିଣାପଥର ପ୍ରହରୀ ?

(i) ଗଞ୍ଜାମବାସୀ (ii) ଜୟପୁରବାସୀ

(iii) ଗଞ୍ଜାମ ଜୟପୁରବାସୀ (iv) ପୁରୀବାସୀ



https://www.odishaboard.com

(ଙ) ଇତିହାସର ପ୍ରତିଲୋମରେ ଗତି କଲେ କିଏ ଉନ୍ନତ ଇତିହାସ ବୋଲି ଜାଣିହେବ ?

(i) ଜଗନ୍ନାଥ (ii) ଖୋରଧା

(iii) ମହେନ୍ଦ୍ରଗିରି (iv) ଧଉଳି

୨। **ଗୋଟିଏ ଲେଖାଏଁ ବାକ୍ୟରେ ଯେକୌଣସି ୩ଟି ପ୍ରଶ୍ନର ଉତ୍ତର ଦିଅ :** **୧ × ୩ = ୩**

(କ) ଖାଲି କ'ଣ କଲେ ଦେଶର ସ୍ୱାଧୀନତା ରହିପାରିବ ନାହିଁ?

(ଖ) ଗଣତନ୍ତ୍ର ଶାସନରେ କିଏ ଏକ ଓ ଅଭିନ୍ନ ?

(ଗ) ଉତ୍କଳରେ କ'ଣ ପାଇଁ ହାହାକାର ପଡ଼ିଥିଲା ?

(ଘ) ବର୍ତ୍ତମାନ ଯୁଗର ଇତିହାସ ଲିଖନ ପ୍ରଣାଳୀ କାହାର ନିକଟବର୍ତ୍ତୀ ବୋଲି କୁହାଯାଇଛି ?

୩। ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ସହ ଦୁଇଟି ଲେଖାଏଁ ବାକ୍ୟରେ ଯେକୌଣସି **୨ଟି** ପ୍ରଶ୍ନର ଉତ୍ତର ଦିଅ : ୨ × ୨ = ୪

(କ) ଦରିଦ୍ର ଠାରେ କେଉଁ ଗୁଣର ମହତ୍ତ୍ୱ ବଢ଼ିଉଠେ ?

(ଖ) କେତେବେଳେ ଜୀବନଟା କେବଳ ସନ୍ଦେହରେ ଆରମ୍ଭ ହୋଇ ସନ୍ଦେହରେ ଶେଷ ହେବ ?

(ଗ) ପ୍ରତ୍ୟେକ ସ୍ୱଜାତି ବତ୍ସଳ ବ୍ୟକ୍ତିର ଅଲଂଘନୀୟ କର୍ତ୍ତବ୍ୟ କ'ଣ?



https://www.odishaboard.com

୪। ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ସହ **୩୦** ଶବ୍ଦରେ ଯେକୌଣସି **ଗୋଟିକର** ଉତ୍ତର ଦିଅ : ୩ × ୧ = ୩

(କ) କେତେବେଳେ ଇତିହାସ ଅଧ୍ୟୟନ ବିଡ଼ମ୍ବନା ମାତ୍ର ?

(ଖ) କ୍ଲାନ୍ତି ଆସିଲେ ବାରିଦ କାହିଁକି ମେଘାସନ, ଗନ୍ଧମାର୍ଦ୍ଦନ ବା ମାଲ୍ୟଗିରିରେ ଅବସର ନେବାକୁ କୁହାଯାଇଛି ?

୫

୫। ପ୍ରାୟ **୧୫୦** ଶବ୍ଦରେ ଉତ୍ତର ଦିଅ :

ଇତିହାସ ପ୍ରବନ୍ଧରୁ ପ୍ରାବନ୍ଧିକଙ୍କ ଆଭିମୁଖ୍ୟ ଉପସ୍ଥାପନ କର ।

*ଅଥବା*

'ଶିକ୍ଷାକୁ ଆମ ଦେଶରେ ଶେଷ ସ୍ଥାନ ନ ଦେଇ ଶୀର୍ଷସ୍ଥାନ' ଦେବାପାଇଁ ପ୍ରାବନ୍ଧିକଙ୍କ ଯୁକ୍ତିର ଯଥାର୍ଥତା ବିଚାର କର ।

୬। ପ୍ରତ୍ୟେକ ପ୍ରଶ୍ନର ଚାରୋଟି ଉତ୍ତର ଦିଆଯାଇଛି । ଠିକ୍ ଉତ୍ତରଟି ବାଛି ଲେଖ : ୧ × ୫ = ୫

(କ) ପିଙ୍ଗଳା କେଉଁ ଦୀପ ଜାଳିବ ନାହିଁ ବୋଲି କହିଛି ?

(i) ସଂଜ୍ଞାଦୀପ (ii) ପୂଜାଦୀପ

(iii) ଜ୍ଞାନ ଦୀପ (iv) କେଳିଦୀପ

(ଖ) ବିରହ ବିଷମ ବିଷରେ କାହାର ମନପ୍ରାଣ ଘାରି ହୋଇଛି ?

(i) ଅସ୍ତଗାମୀ ସୂର୍ଯ୍ୟଙ୍କର

(ii) ବନ୍ଦୀ ଗୋପବନ୍ଧୁଙ୍କର

(iii) ସନ୍ଧ୍ୟାକାଳୀନ ପୃଥିବୀର

(iv) ସୀତାଙ୍କୁ ଛାଡ଼ିଥିବା ରାମଙ୍କର



https://www.odishaboard.com

(ଗ) ମନୁଷ୍ୟ ପୁତ୍ରକୁ କିପରି ନିକ୍ଷେପିତ ହେବାକୁ କୁହାଯାଇଛି ?

(i) କୀଟପରି (ii) ପଶୁପରି

(iii) ସନ୍ତାନର ସହ (iv) ଜଡ଼ପରି

(ଘ) ବହ୍ନିଶିଖାପରି କିଏ ଊର୍ଦ୍ଧ୍ୱଗାମୀ ଥିଲେ ?

(i) ଉତ୍କଳର ସେନାବାହିନୀ

(ii) ଉତ୍କଳର ଜନତା

(iii) ଉତ୍କଳର ନାରୀସମାଜ

(iv) ଉତ୍କଳର ପୂର୍ବତନ ରାଜା

(ଙ) ତାପସଙ୍କ ଅଶାନ୍ତିନାଶକ କିଏ ?

(i) ବିଶ୍ୱାମିତ୍ର (ii) ଜାମ୍ବବାନ

(iii) ରାମଚନ୍ଦ୍ର (iv) ଲକ୍ଷ୍ମଣ

୭। ଗୋଟିଏ ଲେଖାଏଁ ବାକ୍ୟରେ ଯେକୌଣସି **୩ଟି** ପ୍ରଶ୍ନର ଉତ୍ତର ଦିଅ : ୧ × ୩ = ୩

(କ) ବିଦାୟ ଲଗ୍ନରେ ପିଙ୍ଗଳା ବିଦେହ ନଗରୀକୁ କ'ଣ ଭୁଲିଯିବାକୁ କହିଛି ?

(ଖ) ତାହାରି ଉଚ୍ଛେଦ କର, କରହେ ନିର୍ମୂଳ - କାହାର ?

(ଗ) ଦୁଃଖଗିରିର ବଜ୍ର ବୋଲି କାହାକୁ କୁହାଯାଇଛି ?

(ଘ) ଦେଶୀ ହୋଇ ମଧ୍ୟ ରାଜାମାନେ ବିଦେଶୀଙ୍କର କେଉଁ ନୀତି ଆଚରଣ କରୁଥିଲେ ?



୮। ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ସହ ଦୁଇଟି ଲେଖାଏଁ ବାକ୍ୟରେ ଯେକୌଣସି **୨ଟି** ପ୍ରଶ୍ନର ଉତ୍ତର ଦିଅ : ୨ × ୨ = ୪

(କ) ଭସ୍ମ ମଧ୍ୟରୁ କେଉଁ ଶିକ୍ଷା ନେବା ପାଇଁ କୁହାଯାଇଛି ?

(ଖ) "ଅନୁଭବୀ ନେତ୍ରେ କେବଳ ଚିହ୍ନା ଯାଏ ସେ ଦେଖା" – କେଉଁ କଥା ଦେଖାଯାଏ ?

(ଗ) "ଏହା ମାତ୍ର ପ୍ରଭୁ ମୋତେ ଦେବଟି ଜଣାଇ" – କ'ଣ ଜାଣିବା ପାଇଁ ଏ ନିବେଦନ ?

୯। ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ସହ ୩୦ ଶବ୍ଦରେ ଯେକୌଣସି **ଗୋଟିକର** ଉତ୍ତର ଦିଅ : ୩ × ୧ = ୩

(କ) "ଫଳେ ତୁମେ ଜଣେ ଜଣେ ରକ୍ତଶୋଷୀ" – ଏକଥା କେଉଁ ପ୍ରସଙ୍ଗରେ କାହାକୁ କୁହାଯାଇଛି ?

(ଖ) 'ବନ୍ଦୀର ବିରହ ବ୍ୟଥା' କବିତାରେ ସୂର୍ଯ୍ୟାସ୍ତକାଳୀନ ପ୍ରକୃତିର ରୂପଚିତ୍ର ଉପସ୍ଥାପନ କର ।

୧୦। ପ୍ରାୟ ୧୫୦ ଶବ୍ଦରେ **ଗୋଟିକର** ଉତ୍ତର ଦିଅ : ୫ × ୧ = ୫

(କ) 'ତପସ୍ୱିନୀର ପତ୍ର' କବିତା ଅବଲମ୍ବନରେ ସୀତାଙ୍କ ଚାରିତ୍ରିକ ମହତ୍ତ୍ୱର ପରିଚୟ ଦିଅ ।

(ଖ) କାମନାବାସନାର ପଙ୍କିଳ ଜୀବନରୁ ଚେତନାର ଊର୍ଦ୍ଧ୍ୱାୟନ ହେଉଛି 'ପିଙ୍ଗଳାର ଅଭିସାର' କବିତାର ମର୍ମବାଣୀ — ଆଲୋଚନା କର ।



https://www.odishaboard.com https://www.odishaboard.com

୧୧। ପ୍ରତ୍ୟେକ ପ୍ରଶ୍ନ ପାଇଁ ଚାରୋଟି ଉତ୍ତର ପ୍ରଦତ୍ତ ହୋଇଛି । ଠିକ୍ ଉତ୍ତରଟି ବାଛି ଲେଖ : ୧ × ୫ = ୫

(କ) ଏ ପତାକା ଏଠି ଉଡ଼ିପାରିବ ନାହିଁ – କିଏ କହିଛି କାହାକୁ ?

(i) ଅରୁଣ କଲେକ୍ଟରଙ୍କୁ

(ii) ସୋମନାଥ ବିଜୟଙ୍କୁ

(iii) ବିଜୟ କେକେଙ୍କୁ

(iv) ରାୟବାହାଦୁର ହେମମାଳାଙ୍କୁ

(ଖ) କିଏ ଗଙ୍ଗା ଗୋଧୂଳିର କରୁଣ ଏକାଙ୍କିକା ଦେଖିଥିଲେ ?

(i) ଅଶୋକ

(ii) ରୂପନାରାୟଣ

(iii) ବନାରସ ଯାତ୍ରୀ

(iv) ତାଳମଣ୍ଡିର ରୂପ ପିୟାସୀ ନାଗରିକ

(ଗ) କେଉଁଠି ସେନାପତି, ମନ୍ତ୍ରୀ ଓ ସଭାସଦ୍‌ବର୍ଗ ତଳେ ବସିପଡ଼ିଲେ?

(i) ରାଜଉଆସ ସଂଲଗ୍ନ ପଡ଼ିଆରେ

(ii) ରାଜସଭାରେ

(iii) ରାଜଉଆସର ଛାତ ଉପରେ

(iv) ମନ୍ଦିର ପ୍ରାଙ୍ଗଣରେ

(ଘ) ବାବୁ ବଳରାମ ବଳଙ୍କର ଘର କେଉଁ ଅଞ୍ଚଳରେ ?

(i) ବାଲେଶ୍ୱର (ii) କେନ୍ଦ୍ରାପଡ଼ା

(iii) କେନ୍ଦୁଝର (iv) ଯାଜପୁର



https://www.odishaboard.com

(ଙ) କଲିକତାର ବର୍ତ୍ତମାନ ହିନ୍ଦୁମହାଜନମାନେ କେତେବେଳେ ଗଙ୍ଗାସ୍ନାନକୁ ବାହାରନ୍ତି ?

(i) କାଉ କା' କା' କରିବା ମାତ୍ରେ

(ii) କୁକୁଡ଼ା ଡାକିବା ସାଙ୍ଗେ ସାଙ୍ଗେ

(iii) କୁକୁଡ଼ା ଡାକ ଆଗରୁ ତୋପ ପଡ଼ିବା ମାତ୍ରେ

(iv) ସୂର୍ଯ୍ୟୋଦୟ ପୂର୍ବରୁ

୧୨। ଗୋଟିଏ ଲେଖାଏଁ ବାକ୍ୟରେ ଯେକୌଣସି **୩ଟି** ପ୍ରଶ୍ନର ଉତ୍ତର ଦିଅ : ୧ × ୩ = ୩

(କ) ଅରୁଣ କେଉଁ ଦିନରୁ ଘରୁ ବାହାରିଯାଇ ଆଉ ଭୁଲରେ ସୁଦ୍ଧା ଫେରିନାହିଁ ? https://www.odishaboard.com

(ଖ) ଗଙ୍ଗାଧର ମହାନ୍ତି କିଏ ?

(ଗ) କେଉଁ ରୋଗରୁ ମୁକ୍ତ ପାଇଁ ସେନାପତି ଫାଳେ କଚ୍ଛପ ମାଂସ ଭକ୍ଷଣ ପାଇଁ ଆଗ୍ରହୀ ଥିଲେ ?

(ଘ) ରୂପ ପିୟାସୀ ନାଗରିକର ତୀର୍ଥ କିଏ ?

୧୩। ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ସହ ଦୁଇଟି ଲେଖାଏଁ ବାକ୍ୟରେ ଯେକୌଣସି **୨ଟି** ପ୍ରଶ୍ନର ଉତ୍ତର ଦିଅ : ୨ × ୨ = ୪

(କ) ପୁତ୍ରହତ୍ୟା କଲାପରେ ସୋମନାଥ ନିଜେ ନିଜକୁ କ'ଣ ସାନ୍ତ୍ୱନା ଦେଇଆସୁଥିଲେ ?

(ଖ) ମାଷ୍ଟରଜୀଙ୍କ ପାଇଁ ମୁନା ଓ ମନ୍ନୁଙ୍କ ଭିତରେ କ'ଣ ପାର୍ଥକ୍ୟ ଥିଲା ?

(ଗ) କେଉଁ ଦିନ ହୋଟେଲବାଲାର ବେଶି ଆୟ ହୁଏ ?



https://www.odishaboard.com

୧୪। ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ସହ ୩୦ ଶବ୍ଦରେ ଯେକୌଣସି **ଗୋଟିକର** ଉତ୍ତର ଦିଅ : ୩×୧=୩

(କ) ମାଷ୍ଟରଜୀ କ'ଣ କଲେ ଏ ଅଚେତନ ଜାତିର ମସ୍ତିଷ୍କରେ ଚେତନା ସଞ୍ଚାରିତ ହେବ ବୋଲି ଅଶୋକ କହିଛନ୍ତି ?

(ଖ) ଦିଗନ୍ତ ପ୍ରତି ଦୃଷ୍ଟିପାତ କରି କମ୍ବୁଗ୍ରୀବ କ'ଣ କରୁଥାଏ ?

୧୫। ପ୍ରାୟ ୧୫୦ ଶବ୍ଦରେ **ଗୋଟିକର** ଉତ୍ତର ଦିଅ : ୫×୧=୫

(କ) ପଠିତ ଗଳ୍ପରୁ ରୂପନାରାୟଣ ସାହାଙ୍କ ଚରିତ୍ର ଚିତ୍ରଣ କର ।

*ଅଥବା*

(ଖ) 'ପତାକା ଉତ୍ତୋଳନ' ଗଳ୍ପର ନାମକରଣର ସାର୍ଥକତା ବିଚାର କର ।

୧୬। ନିମ୍ନ ଅନୁଚ୍ଛେଦଟି ପାଠକରି ତା' ତଳେ ଥିବା ପ୍ରଶ୍ନାବଳୀର ଉତ୍ତର ଦିଅ :

ଯେଉଁମାନେ ଅତୀତକୁ ଅସ୍ୱୀକାର କରନ୍ତି, ଜୀବନ ପାଇଁ ସେମାନେ ପ୍ରେରଣା ପାଇବେ କେଉଁଠୁ ? ଭବିଷ୍ୟତ ତ ଅନାଗତ, ଅନିଶ୍ଚିତ, ବର୍ତ୍ତମାନ ତ ପ୍ରତିଷ୍ଠା ପାଇ ନଥାଏ, କେବଳ ଅତୀତ ହିଁ ଜୀବନରେ ପରିପୂର୍ଣ୍ଣ ଓ ତାହାହିଁ ଅସୁମାରୀ ଆଦର୍ଶର ଭଣ୍ଡାରଘର । ଯଦି କିଛି ଶିଖିବାର ଥାଏ, ପ୍ରେରଣା ପାଇବାର ଥାଏ, କେବଳ ସେଇ ଅତୀତରୁ ମିଳିବ, ସେହି ଆମ ପାଇଁ ଶିଖିବାର ଓ ବିଚାର କରିବାର ପ୍ରକୃଷ୍ଟ ମାର୍ଗ ଦର୍ଶନ କରାଇବ ।

ଏକ ସମୟରେ ଭାରତବର୍ଷ ତା'ର ଅତୀତକୁ ମର୍ଯ୍ୟାଦା ନ ଦେବାରୁ ଓ ଅତୀତକୁ ଏକପ୍ରକାର ଭୁଲିଯିବାରୁ ସ୍ୱାଧୀନତା ହରାଇ ଅଗୌରବ ଭିତରେ ଦୀର୍ଘଦିନ ବିତାଇଥିଲା । ଇଂରେଜମାନେ ଭାରତକୁ କେବଳ ସାପ ଓ ସାପୁଆକେଳାର ଦେଶ ବୋଲି କହି ଅବହେଳା କରିବାକୁ ଲାଗିଲେ । ସାରା ପୃଥିବୀରେ ବେଦ ହେଉଛି ସର୍ବପ୍ରାଚୀନ ଓ ସର୍ବାଧିକ ଜ୍ଞାନଦାୟୀ ଗ୍ରନ୍ଥ । ଆଜି ସାରା ପୃଥିବୀ ସ୍ୱୀକାର କରୁଛି ଯେ ଭାରତ ଏକ ସୁପ୍ରାଚୀନ, ସଂସ୍କୃତି



https://www.odishaboard.com

ସମ୍ପନ୍ନ ଦେଶ । ତା'ର ଜ୍ଞାନ ଗରିମାର ପରିଚୟ ନାହିଁ । ଏଇ ଭାରତକୁ ଗଣିତ ଜଗତ ପାଇଁ ଦେଇଥିଲା 'ଶୂନ'। ଶୂନ ନ ଥିଲେ ଆମର ଗଣନ ପଦ୍ଧତି ଅପୂର୍ଣ୍ଣ ଥାଆନ୍ତା କେବଳ ନୁହେଁ ବିଭ୍ରାନ୍ତି ଭରି ଯାଇଥାଆନ୍ତା । ଏଇ ଭାରତକୁ ପ୍ରଥମେ ମଧ୍ୟ ଆର୍ଯ୍ୟଭଟ୍ଟ କହିଥିଲେ "ସୂର୍ଯ୍ୟ ଚାରିପଟେ ପୃଥିବୀ ବୁଲୁଛି ।" ଅଥଚ ଏଥିପାଇଁ ଜଗତରେ ଶ୍ରେୟ ନିଅନ୍ତି ଗାଲିଲିଓ । ଏସବୁର ଏକମାତ୍ର କାରଣ ଆମର ଅଜ୍ଞତା ଓ ହୀନମନ୍ୟତା ଯେଉଁ ଜାତି ନିଜକୁ ଛୋଟ ମନେକରେ, ନିଜ ପୂର୍ବପୁରୁଷଙ୍କୁ ଅସମ୍ମାନ କରେ ବା ବେଖାତିର କରେ, ସେ ଜାତି ସେମିତି ଛୋଟ ହୋଇ ରହିଥାଏ । ଏଇ ବିସ୍ମୃତି ପାଇଁ ଏଇ ଅସମ୍ମାନ ପାଇଁ ଭାରତ ପରାଧୀନ ହୋଇ ରହିଲା ଏବଂ ଏବେ ମଧ୍ୟ ପରାଧୀନର ହୀନମନ୍ୟତାରୁ ଉପରକୁ ଉଠିବା ସମ୍ଭବ ହେଉନାହିଁ । ଯେଉଁଥିପାଇଁ ଆମ ଲୋକଙ୍କ ଆଖିରେ ଯାହା ଆମ ଦେଶର ସେସବୁ ଖରାପ, ଆଉ ଯାହା ବିଲାତର, ଆମେରିକାର ବା ପଶ୍ଚିମଦେଶର ସେସବୁ ସୁନ୍ଦର ଓ ମର୍ଯ୍ୟାଦାପୂର୍ଣ୍ଣ । ଯେଉଁ ଆଚରଣ, ଯେଉଁ ଖାଦ୍ୟ ଓ ପୋଷାକପତ୍ର ଆମର ଶ୍ରୀବୃଦ୍ଧି କରନ୍ତା, ଜୀବନକୁ ସୁନ୍ଦର କରନ୍ତା, ସେସବୁ ଆମ ଆଖିରେ କଣ୍ଟାଭଳି ଗଳିଯାଉଛି । ଅନ୍ୟ ପକ୍ଷରେ ଯାହା ଆମର ପରିବାରକୁ ଭାଙ୍ଗିଲା, ଆମ ସ୍ୱାସ୍ଥ୍ୟ ନଷ୍ଟ କଲା ଓ ଆମକୁ ବିକୃତ କଲା, ସେସବୁ ଆମକୁ ଅମୃତମୟ ମନେହେଉଛି । ଏ ହେଉଛି ବିଚାର ବିଭ୍ରାନ୍ତ । ଆମକୁ ଏହାର ଉପରକୁ ଉଠିବାକୁ ହେବ ।

**ପ୍ରଶ୍ନାବଳୀ :**

(କ) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ : ୨×୩=୬

(i) ଅତୀତକୁ କାହିଁକି ସମ୍ମାନ ଦେବାକୁ ହେବ ?

(ii) ଆମକୁ କାହା ଉପରକୁ ଉଠିବାକୁ ପଡ଼ିବ ?

(iii) ଆମର ଅଜ୍ଞତା ଓ ହୀନମନ୍ୟତା ପାଇଁ କ'ଣ ଘଟିଲା?



https://www.odishaboard.com

(ଙ) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ । ୧ × ୪ = ୪

(i) ଭାରତ ପୃଥିବୀରେ ସେଥିପାଇଁ କେଉଁ ଗୁଣ ଅଧିକ ଜଣାଯାଏ ଓ ପ୍ରାଚୀନ ?

(ii) ଗୋଟାଏ ଜାତି ନିଜକୁ ଛୋଟ ମନେକଲେ ଓ ନିଜ ପୂର୍ବପୁରୁଷଙ୍କୁ ଅସମ୍ମାନ କଲେ ତା'ର କ'ଣ ହୁଏ ?

(iii) କେତେବେଳେ ବିନୟ ଭାବ ଦୂରେଇଯାଏ ଓ ଅତୀତର ସ୍ମୃତି ସମେତ ଗୌରବବୋଧ ହଜିଯାଏ ?

(iv) ଯେଉଁ ଆଚରଣ, ଖାଦ୍ୟ ଓ ପୋଷାକପତ୍ର ଆମର ଶ୍ରୀବୃଦ୍ଧି କରନ୍ତା, ସେ ସବୁ କାହିଁକି ଆମ ଆଖିରେ କଣା ହୋଇ ଗଲିଯାଇଛି ?

୧୭। ନିମ୍ନ କବିତାଟି ପାଠକରି ତା' ତଳେଥିବା ପ୍ରଶ୍ନାବଳୀର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ : ୧ × ୫ = ୫

ଶତାବ୍ଦୀଟିଏ ବି ହୋଇନି
ତାହୁଁ ତାହୁଁ ଆଖିଆଗେ ଋତୁ ବଦଳିଲା ।
ମୁକ୍ତିର ସଂଗ୍ରାମ ଓ ତ୍ୟାଗର ପ୍ରତୀକ
ଖଦଡ଼ ପୋଷାକ ହେଲା
ଟାଉଟରି ଓ ଦଗାବାଜିର ବିଚିତ୍ର ନିଶାଣ ।
ଏଇଠି ନିକମା, ସଂଶୟଘେରା ଚରିତ୍ର ସକଳ
ପିନ୍ଧିନେଲେ ସେବକଙ୍କର ଖୋଳ,
ଏଇଠି ଶାସକ, ଶିକ୍ଷକ, ଯୁବକ, ସେବକ
ସଭିଙ୍କ ଭିତରେ ଉଜାଗ ହେଲା
ଭୋଗର ବାସନା
ଉଦ୍‌ବେଳିଲା ସ୍ୱାର୍ଥର ସାଗର ।

ସେ କିନ୍ତୁ ସେମିତି ଅଛି, [illegible]
[illegible]
ସତ୍ୟକୁ ପ୍ରେମ ଆପଣେଇ ନେଇ ।
ସେ ସେମିତି ଅଛି,
ଯେମିତି ଥିଲେ ଜଗନ୍ନାଥ, ବୈଦେହୀ ବା କୁନ୍ତୀ, ଯଶୋଦାମାତା
ଅବିକଳ ସେଇ ରୂପ, ସେଇ ଛାନ୍ଦ, ସେଇ ଚନ୍ଦ୍ର ବିମଳ ମୋହନ
ସେମିତି ଦ୍ୱାରାର ମୋହ ପୁତ୍ର ପାଇଁ,
ସେମିତି ଅପେକ୍ଷା
ଏକଲ ନନ୍ଦନ କେବେ ମଣ୍ଡିବ କୋଳକୁ,
ସେମିତି ଅରଣ୍ୟବାସ, ରାଜପୁରୀ ଥାଉ ଉପେକ୍ଷି,
ସେମିତି ଝରଣା ତା'ର ସଦାବହ ସ୍ନେହ ମମତାର,
ଆଖିରେ ଦେଇଛି ବାନ୍ଧି ସେ ଅନ୍ଧପୁଟୁଳି
ଏକାକାର ଆଲୋକ ଅନ୍ଧାର
ଦୃଷ୍ଟିର ପସରା ନାହିଁ, ଚେତନାର ସଳିତି କେବଳ ।
ଦିଜି ଦିଜି ଜଳୁଛି ସେ ଅନିର୍ବାଣ ଦିଗନ୍ତ ବିସ୍ତୃତି
ଯାହାର ପଣତ ତଳେ ଶୈଶବୁ ଯୌବନ
ବିକଶିତ ନିଷ୍ଠିତେ ପଦ୍ମୁଡ଼ି ।

**ପ୍ରଶ୍ନାବଳୀ :**

(i) ଖଦଡ଼ ପୋଷାକ କାହାର ପ୍ରତୀକ ଥିଲା ?

(ii) କେଉଁମାନେ ସେବକର ଖୋଳ ପିନ୍ଧିନେଲେ ?

(iii) ଶାସକ, ଶିକ୍ଷକ, ଯୁବକ ଓ ସେବକ ସମସ୍ତଙ୍କୁ କ'ଣ ଉଜାଗର କଲା?

(iv) କିଏ ଆଦୌ ବଦଳି ନାହିଁ ?

(v) କେଉଁ ଚେତନାର ସଳିତି ଅନିର୍ବାଣ ଜଳୁଛି ?



https://www.odishaboard.com
https://www.odishaboard.com

୮। ଯେକୌଣସି ଗୋଟିଏ [illegible] ଉପରେ ଭିତ୍ତି କରି [illegible] ପ୍ରସ୍ତୁତ କର । ୫×୧=୫

(i) [illegible]

(ii) ଘିଅ ମୁଣ୍ଡରେ ଢାଳେ, ତେଲ ଲଡ଼ିରେ ଢାଳେ

(iii) ଅଧର୍ମ ବିତ୍ତ ବଢ଼େ ବହୁତ

୯। ଛାତ୍ର କଲ୍ୟାଣ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ମହାବିଦ୍ୟାଳୟର ଅଧକ୍ଷଙ୍କ ନିକଟକୁ ଦରଖାସ୍ତ ଲେଖ । ୫×୧=୫

ଅଥବା

ସାଇବର ଠକମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ସଂପର୍କରେ କୌଣସି ଗୋଟିଏ ସଂବାଦପତ୍ରର ସଂପାଦକଙ୍କୁ ପତ୍ର ମାଧ୍ୟମରେ ନିଜର ମତ ଉପସ୍ଥାପନ କର ।

୧୦। ନିମ୍ନ ଗଦ୍ୟାଂଶକୁ ଏକ-ତୃତୀୟାଂଶ ଶବ୍ଦରେ ପ୍ରକାଶ କର : ୫×୧=୫

ଶ୍ରମ କଲେ ବ୍ୟକ୍ତିର ବିକାଶ ହୁଏ । ସମାଜର ପ୍ରଗତି ହୁଏ । ଦେଶର ଅର୍ଥନୈତିକ ଅଭିବୃଦ୍ଧି ଘଟେ । ଯେଉଁଠି ଶ୍ରମ ନାହିଁ ସେଠି ବିକାଶ ପଛାଇଯାଏ। ବିଶ୍ୱର ଯେଉଁ ଜାତି ଅଧିକ ଶ୍ରମ କରିପାରୁଛି, ସିଏ ସେତେ ବିକାଶ କରିପାରିଛି । ସମୟ ସୀମିତ । ଆମେ ଯଦି ଅଧିକ ସମୟ ଉପାସନାରେ କଟାଇବା ନିଜର ତଥା ସମାଜର ମଙ୍ଗଳ ପାଇଁ ଶ୍ରମ କରିବା କମ୍ ହେବାକୁ ବାଧ୍ୟ । ସେଥିପାଇଁ ଭାରତୀୟ ସମାଜ ବିକାଶର ପଛରେ । ପୁଣି ନିଷ୍ଠାର ସହ କାମ କରିବା ସମାଜର ବିକାଶକୁ ତ୍ୱରାନ୍ୱିତ କରେ । ଆମ ସମାଜରେ ଏହା ବ୍ୟତିକ୍ରମ । ଅଳ୍ପ ସମୟ କାମ କରିବା, ସେତିକି ସମୟ ମଧ୍ୟ ନିଷ୍ଠାର ସହ ନୁହେଁ । ପୁଣି ଦୁର୍ନୀତି ଓ ଅନୀତିରେ ବୁଡ଼ି ରହିବା । ପ୍ରତିଦିନ ଦେଖାଯାଉଛି କେତେ ଠକେଇ । ଖାଦ୍ୟରେ ଅପମିଶ୍ରଣ, ତେଲରେ ଭେଜାଲ, ଔଷଧ ନକଲି, ପେଟ୍ରୋଲ ଡିଜେଲ ମିଶା, ଡାଲି, ଚିନି, ଘିଅ, ଛେନା, ଓ ସବୁ ସବୁଥିରେ ଭରପୂର ଦୁର୍ନୀତି ଓ ଅନୀତି । ଯେଉଁମାନେ ଏପରି କରି ଆତ୍ମଘାତୀ ସାଜୁଛନ୍ତି, ସେମାନେ ବି ମନ୍ଦିର ଯାଉଛନ୍ତି, ଖାଲି ଯାଉଛନ୍ତି ନୁହେଁ ଆଗ ଆଶିଷ ଲାଭ କରିବା ଉଦ୍ୟମରେ ଭିଡ଼ ଜମାଉଛନ୍ତି, ଗୋଳମାଳ କରୁଛନ୍ତି ; ମାଡ଼ପିଟ ଦଳାଦଳିର ଉଦାହରଣ ପ୍ରଚୁର । ଏଠି ଜୀବନ ଦର୍ଶନ ଦିଗହରା ହେଉଛି । ସଦ୍‌ବୁଦ୍ଧି ହଜିଯାଉଛି । ଅହଂ ଓ ପାରିବାପଣ ଉଙ୍କି ମାରୁଛି । ପ୍ରତାରଣା, ମିଛ, ହିଂସା,ଅସଦାଚାରରେ ଉତ୍‌ଫୁଲିତ ହେଉଛି ତଥା କଥିତ ଭକ୍ତ ।

ଏଣେ ସାଧାରଣ ଭାବରେ ମଣିଷ ଭିତରୁ କ୍ରମଶଃ କର୍ତ୍ତବ୍ୟନିଷ୍ଠା, ନୈତିକତା, ନୀତିନିଷ୍ଠତା, ମିତବ୍ୟୟିତା ସହିତ କଠିନ ପରିଶ୍ରମ କରିବା ଓ ପରସ୍ପରକୁ ସାହାଯ୍ୟ କରିବା ଭାବ ଦୂରେଇ ଯାଉଛି । ମୂଲ୍ୟବୋଧକୁ ଅବମାନନା କରିବା ଏକ ସଉକରେ ପରିଣତ ହେଉଛି । ଏ କ୍ଷେତ୍ରରେ ବ୍ୟକ୍ତିଗତ ଓ ସାମାଜିକ ପ୍ରଗତି ବାଧାପ୍ରାପ୍ତ ହୋଇଥାଏ । https://www.odishaboard.com



https://www.odishaboard.com

୧୧। ନିର୍ଦ୍ଦେଶ ଅନୁସାରେ ଉତ୍ତର ଦିଅ : (୧×୨)×୫=୧୦

(କ) ଯେକୌଣସି **ଦୁଇ**ଯୋଡ଼ା ସମୋଚ୍ଚାରିତ ଶବ୍ଦର ଅର୍ଥ ପାର୍ଥକ୍ୟ ଦର୍ଶାଅ :

(i) ଆୟତ, ଆୟତ୍ତ (ii) ଗିରିଶ, ଗିରୀଶ

(iii) ଶିଳ, ଶୀଳ (iv) ସୁତ, ସୂତ

(ଖ) ଯେକୌଣସି **ଦୁଇଟିର** ବିପରୀତାର୍ଥବୋଧକ ଶବ୍ଦ ଲେଖ ?

(i) ଅନୁଗ୍ରହ (ii) ଅସୁସ୍ଥ

(iii) ମଳିମୁଣ୍ଡିଆ (iv) ସ୍ୱତନ୍ତ୍ର

(ଗ) ଯେକୌଣସି **ଦୁଇଟିର** ଭ୍ରମ ସଂଶୋଧନ କର ।

(i) ଦାଶରଥୀ (ii) ଅପ୍ରତ୍ରିକ

(iii) ଉପସିତ (iv) ଢର୍ମ



https://www.odishaboard.com

(ଘ) ଯେକୌଣସି **ଦୁଇଟି** ରୂଢ଼ିକୁ ବାକ୍ୟରେ ବ୍ୟବହାର କର ।

(i) ଆକାଶ କୁସୁମ (ii) ଆଖିରେ ଧୂଳିଦେବା

(iii) ମୁହଁ ମାରିବା (iv) ଢପାମାଛି

(ଙ) ଯେକୌଣସି **ଦୁଇଟିକୁ** ଏକପଦରେ ପ୍ରକାଶ କର ?

(i) ଜାଣିବାର ଇଚ୍ଛା

(ii) ଶୁଣିବାର ଅଯୋଗ୍ୟ

(iii) ଯିଏ ଉପଭୋଗ କରନ୍ତି

(iv) ମୂଳରୁ ଚୂଳ ପର୍ଯ୍ୟନ୍ତ

https://www.odishaboard.com
Whatsapp @ 9300930012
Send your old paper & get 10/-
अपने पुराने पेपर्स भेजे और 10 रुपये पायें,
Paytm or Google Pay से



https://www.odishaboard.com